## ଶ୍ୱଶୁରଙ୍କୁ ଆକ୍ରମଣ ଘଟଣା: ଜ୍ୱାଇଁ ଗିରଫ

ଭଣ୍ଡାରିପୋଖରୀ,୯।୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତ ସମ୍ପୋଇ ଗ୍ରାମର ମହେଶ୍ୱର ସାହୁ(୬୭)ଙ୍କୁ ଆକ୍ରମଣ ଅଭିଯୋଗରେ ତାଙ୍କ ଜ୍ୱାଇଁ କାର୍ତ୍ତିକ ସାହୁ(୪୩)ଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ବୁଧବାର ଅପରାହ୍ନରେ ଅଭିଯୁକ୍ତ କାର୍ତ୍ତିକ ଶ୍ୱଶୁର ମହେଶ୍ୱରଙ୍କୁ ବାମକାନ୍ଧକୁ ଫାର୍‌ସାରେ ହାଣି ଦେଇଥିଲେ। ମହେଶ୍ୱରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୫/୨୫) ରୁଜୁ ହୋଇଥିଲା। ପ୍ରକାଶଥାଉ କି, ମହେଶ୍ୱରଙ୍କ ଝିଅ ତପସ୍ୱିନୀ ୧୫ ବର୍ଷ ପୂର୍ବେ ଯାଜପୁର ଜିଲା ପାଣିକୋଇଲି ଥାନା ଅଧୀନ ପଳସା ଆମ୍ବଗଡିଆ ଗ୍ରାମରେ କାର୍ତ୍ତିକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। କାର୍ତ୍ତିକ ଦୈନିକ ମଦ ପିଇ ତପସ୍ୱିନୀଙ୍କୁ ମାରଧର କରୁଥିଲେ। ତପସ୍ୱିନୀ ବାପଘରେ ରହୁଥିବା ବେଳେ ତାଙ୍କୁ ଫେରାଇ ଦେବାକୁ ବୁଧବାର କାର୍ତ୍ତିକ ପହଞ୍ଚି ଶ୍ୱଶୁରଙ୍କୁ ଧମକାଇଥିଲେ। ଅପରାହ୍ନରେ ଶ୍ୱଶୁରଙ୍କୁ ଆକ୍ରମଣ କରିଥିଲେ। ଗ୍ରାମବାସୀ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ପୋଲ କଲେ, ରାସ୍ତା କଲେନି

ତିହିଡି, ୯।୧(ସଞ୍ଜିତ ବଳ)

ପୋଲ ଓ ରାସ୍ତା ନିର୍ମାଣ ପାଇଁ ଅନୁଦାନ ମିଳିଲା। ପୋଲ କଲେ, ହେଲେ ରାସ୍ତା କରାଗଲାନି। ଏହାମଧ୍ୟରେ ୫ ବର୍ଷ ବିତି ଯାଇଥିବା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଶିଳାନ୍ୟାସ ଫଳକକୁ ଘାସ, କଣ୍ଟା ବୁଦା ଘେରିଗଲାଣି। ୫ ବର୍ଷ ହେଲା ପଡ଼ିରହିଛି ରାସ୍ତା ନିର୍ମାଣ ପାଇଁ ମିଳିଥିବା ୫କୋଟିର ଅନୁଦାନ। ରାସ୍ତା ହୋଇ ନ ଥିବାରୁ ସାଳନ୍ଦୀର ଶାଖା ନାଳିଆ ନଦୀ ଉପରେ ନିର୍ମିତ ୫ କୋଟିର ସେତୁ କାମରେ ଆସୁନାହିଁ। ତିହିଡ଼ି ବ୍ଲକ ବାରୋ ପଞ୍ଚାୟତର ଆଖୁମାହାରାଠାରୁ ବିଲଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ରାସ୍ତାରେ ଏ ପ୍ରକାର ପରିସ୍ଥିତି ଉପୁଜିଛି। ରାସ୍ତାରେ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗୁଥିବା ଲୋକେ ଏଥିପାଇଁ ପ୍ରଶାସନିକ ଉଦାସୀନତା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି।

ବର୍ଷାଧିକାଳ ବିତିଯାଉଥିଲେ ମଧ୍ୟ ରାସ୍ତାର ଅବସ୍ଥାରେ ପରିବର୍ତ୍ତନ ହେଉନି ବରଂ ଅଧିକ ବିପଦସଙ୍କୁଳ ହୋଇପଡୁଛି। ବାରୋ ପଞ୍ଚାୟତର ଆଖୁମାହାରାଠାରୁ ବିଲଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯାଏ ଯାଇଥିବା ରାସ୍ତା ଓ ସେତୁ ନିର୍ମାଣ ପାଇଁ



ନାଳିଆ ନଦୀ ଉପରେ ନିର୍ମିତ ସେତୁ।

■ ୫ ବର୍ଷ ହେଲା ପଡ଼ିରହିଛି ୫ କୋଟିର ଅନୁଦାନ

■ ଜମି ଅଧିଗ୍ରହଣ ହୋଇପାରୁନି କି ଆରମ୍ଭ ହେଉନି ନିର୍ମାଣ କାର୍ଯ୍ୟ

୨୦୧୯ରେ ୧୦କୋଟି ଟଙ୍କା ଅନୁଦାନ ମିଳିଥିଲା। ପରେ ତତ୍କାଳୀନ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ୫ବର୍ଷ ବିତିଗଲାଣି, ମାତ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। କେବଳ ରାସ୍ତାର ନାଳିଆ ନଦୀ ଉପରେ ସେତୁ ନିର୍ମାଣ କାମ ଆରମ୍ଭ ହୋଇ ୨୦୨୧ରେ ସରିଥିଲା। ଏହି ରାସ୍ତା ଧାମନଗର ନିର୍ବାଚନମଣ୍ଡଳୀକୁ ସଂଯୋଗ କରୁଥିବାରୁ ଯଥେଷ୍ଟ ଗୁରୁତ୍ୱ ବହନ କରେ। ଏହାବ୍ୟତୀତ ବାରୋ-ବିଲଣା ରାସ୍ତାରେ ଥିବା ପୁରୁଣା ପୋଲ ଦେଇ ପ୍ରତିଦିନ ଶତାଧିକ ଯାନବାହନ ଚଳାଚଳ କରିଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାସ୍ତାପାର୍ଶ୍ୱରେ ଥିବା ମେଳଣ ପଡ଼ିଆରେ ପ୍ରତିବର୍ଷ ଦୋଳ ପୂର୍ଣ୍ଣିମାରେ ଐତିହାସିକ କୁମ୍ଭ ମେଳଣ ହୋଇଥାଏ। ସେହି ରାସ୍ତାରେ ଆଖପାଖ ଗ୍ରାମର ଯାଦବମାନଙ୍କ ଶୋଭାଯାତ୍ରା ହେଉଥିବା ବେଳେ ବହୁ ଲୋକ ରାସ୍ତାରେ ଯାତାୟାତ କରିଥାନ୍ତି। ଏହାବ୍ୟତୀତ ଭାୟା ଗଳଗଣ୍ଡପୁର ରାସ୍ତା ଅତି ସଂକୀର୍ଣ୍ଣ ହୋଇଥିବାରୁ ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଘଟି ଚାଲିଛି। ଏପରି ସ୍ଥଳେ ଆଖୁମାହାରା-ବିଲଣା ରାସ୍ତା ନିର୍ମାଣ ନ ହେବା ଦୁର୍ଭାଗ୍ୟର ବିଷୟ।

ଏ ସମ୍ପର୍କରେ ବାରୋ ସରପଞ୍ଚ ଉଦ୍ଧବ ଚରଣ ନାୟକ କହନ୍ତି, ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଦାସୀନତା ପାଇଁ ରାସ୍ତା ନିର୍ମାଣ ହୋଇପାରୁ ନାହିଁ। ଏ ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀ, ଜିଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇବେ। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ କାନନ ପ୍ରଧାନ କହିଛନ୍ତି, ଉକ୍ତ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ହୋଇପାରୁ ନ ଥିବାରୁ କାର୍ଯ୍ୟରେ ବିଳମ୍ବ ଘଟିଛି। ତେବେ ଅଧିଗ୍ରହଣ ବାବଦକୁ ଥିବା ଅର୍ଥ ପ୍ରଶାସନ ପାଖରେ ଜମା କରାଯିବ। ଅଧିଗ୍ରହଣ ଦାୟିତ୍ୱ ପ୍ରଶାସନ ଉପରେ ନ୍ୟସ୍ତ କରାଯିବ। ଅଧିଗ୍ରହଣ କାର୍ଯ୍ୟ ଶେଷ ହେଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

## ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ଯଜ୍ଞ ପାଇଁ ଭୂମିପୂଜା



ଶୋଭାଯାତ୍ରାରେ ଆଜ୍ଞାମାଳ ନିଆଯାଉଛି।

ଧାମନଗର, ୯।୧(ଦେବେନ୍ଦ୍ର ଆଦିଆ)

ଶିକ୍ଷାବିତ୍ ନିତ୍ୟାନନ୍ଦ ବିଶ୍ୱାଳ ସ୍ମାରକୀ ପାଠାଗାର ଉଦ୍‌ଘାଟନ ନିମନ୍ତେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଓ ଶ୍ରୀବିଷ୍ଣୁ ବିଶ୍ୱଶାନ୍ତି ଯଜ୍ଞ, ପ୍ରସାଦସେବନ, ପ୍ରବଚନ ନିମନ୍ତେ ଭଦ୍ରକ ଜିଲା ଧାମନଗରସ୍ଥିତ ଜୟନଗର ପଡ଼ିଆଠାରେ ବୁଧବାର ଭୂମିପୂଜା, ଶୋଧନ ଓ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା ନୀଳଗିରିଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ବ୍ରାହ୍ମଣମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ନୀଳଗିରିରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଜ୍ଞାମାଳ ଆସି ଧାମନଗରଠାରେ ପହଞ୍ଚିବା ପରେ ଖୋଳ, କୀର୍ତ୍ତନ ମାଧ୍ୟମରେ ସ୍ୱାଗତ କରି ଜୟନଗର ପଡ଼ିଆ ପର୍ଯ୍ୟନ୍ତ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ନିଆଯାଇ ଭୂମିପୂଜନ ଆରମ୍ଭ କରାଯାଇଥିଲା। ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ବିସିଇଟି) ସଭାପତି ମନ୍ମଥ କୁମାର ବିଶ୍ୱାଳ ଓ ସ୍ତ୍ରୀ ସୁବ୍ରତା ବିଶ୍ୱାଳ ଆଜ୍ଞାମାଳ ଆଣି ସ୍ଥାପନା କରିଥିଲେ। ଆସନ୍ତା ଫେବୃଆରୀ ୧ରେ ଅଙ୍କୁରାରୋପଣ, ୨ରେ ଜଳଯାତ୍ରା, ଯଜ୍ଞାରମ୍ଭ, ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ମନୋଜ ପ୍ରଧାନଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ, ୩ରେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପ୍ରାଧ୍ୟାପକ ଡ. ସୁରେନ୍ଦ୍ର ମିଶ୍ରଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ, ପୁରୀ ଦଇତାପତି ମୁଖ୍ୟ ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର ଓ ବଳଭଦ୍ର ବାଡ଼ଗ୍ରାହୀ ମୁଖ୍ୟ ଅନାଦି ଦାସମହାପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୪ରେ ପୂର୍ଣ୍ଣାହୁତି ସହ ଧାମନଗର ସରକାରୀ ଉଚ୍ଚବିଦ୍ୟାଳୟଠାରେ ଶିକ୍ଷାବିତ୍ ନିତ୍ୟାନନ୍ଦ ବିଶ୍ୱାଳ ସ୍ମାରକୀ ପାଠାଗାର ଉଦ୍‌ଘାଟନ କରାଯିବ। ନୀଳଗିରି ରାଜା ଜୟନ୍ତଚନ୍ଦ୍ର ମର୍ଦ୍ଦରାଜ, ହରିଚନ୍ଦନ ବିରବର୍ମନ ଓ ରାଣୀ ପାଟସାମନ୍ତ ରାଣୀ ମନୋଜା ମଞ୍ଜରୀ ଦେବୀ ଏବଂ ପୁରୀ ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ଯୋଗଦେବେ। ଢେଙ୍କାନାଳ ଜିଲାର ପ୍ରବଚକ ସନ୍ତୋଷ ଚୈତନ୍ୟ ମହାରାଜ, 'ଭାଗବତ କଥାମୃତ' ଆଧ୍ୟାତ୍ମିକ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି।

## ଖ୍ୱାଜା ଗରିବ ନୱାଜଙ୍କ ବାର୍ଷିକ ସମାରୋହ



ଧର୍ମସଭାରେ ଜଣେ ମୌଲାନା ନୀତିବାଣୀ ଶୁଣାଉଛନ୍ତି।

ଭଦ୍ରକ,୯।୧(ସନାତନ ରାଉତ)

ଭଦ୍ରକ ସହର ପୁରୁଣାବଜାରସ୍ଥିତ ଜାମା ମସ୍‌ଜିଦ୍ ଛକଠାରେ ଖ୍ୱାଜା ଗରିବ ନୱାଜ କମିଟି ପକ୍ଷରୁ ୪୧ତମ ଖ୍ୱାଜା ଗରିବ ନୱାଜଙ୍କ ଦୁଇଦିନିଆ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିନ ରାତିରେ ଜାମା ମସ୍‌ଜିଦ୍ ଛକଠାରେ ଧର୍ମସଭା ଅନୁଷ୍ଠିତ ହୋଇଥିଲା। କବି ମୁସ୍ତାକ ଗୌହରଙ୍କ ସଞ୍ଚାଳନରେ ଜାମା ମସ୍‌ଜିଦ୍‌ର ଖତିବ ଓ ଇମାମ ମହମ୍ମଦ ସାଦିକ ହୋସେନ କୋରାନ ତିଲାୱତରୁ ଆରମ୍ଭ କରିଥିଲେ। ସଭାରେ ପିରେ ତରିକିତ୍ ଗୌସୁଲ ଆଜାମ୍, ମୌଲାନା ସଏଦ୍ ଶାହା, ମହମ୍ମଦ ସଲମାନ, ଅସରଫ୍ ଉଲଜିଲାନୀ, ଅସଲମ୍ ୱାର୍ଶି ଓ ଇସ୍‌ଲାମ୍ ଫାରୁକ୍ ଗରିବ ନୱାଜଙ୍କ ନୀତିବାଣୀ ଉପରେ କହିଥିଲେ। କମିଟି ସଭାପତି ନସୁର ଖାନ୍, ଉପସଭାପତି ଶେଖ୍ ଅନୱାର, ସମ୍ପାଦକ କଲିମୁଦ୍ଦିନ ଖାନ୍, ଅଲ୍ଲୀ ହୋସେନ, ବରିଷ୍ଠ ସଭ୍ୟ ଶେଖ୍ ଇସାର ଅଲ୍ଲୀ, ଶେଖ୍ ନୌସାଦ୍, ମିନ୍‌ହାଜ କାଦରୀ, ଗୋଲାମ ମୋହିଦ୍ଦିନ, ମୀର କାଲିଆ, ଶେଖ୍ ଲାଲା, ଇମାମୁଲ୍ ଖାନ୍, ହକିଲ୍ ଖାନ୍ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କୁକୁଡ଼ା ପାଳନ ଉପରେ ଗୁରୁତ୍ୱ

### ଜିଲାସ୍ତରୀୟ ଦକ୍ଷତା ବୃଦ୍ଧି ଶିବିର

ତିହିଡ଼ି,୯।୧(ସଞ୍ଜିତ ବଳ)

ପ୍ରାଣୀ ବିଭାଗ ପକ୍ଷରୁ କୁକୁଡ଼ା ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି। ଭଦ୍ରକ ଜିଲାରେ ଉତ୍ପାଦନଠାରୁ ଅଧିକ ୧ ଲକ୍ଷ ଅଣ୍ଡା ଆବଶ୍ୟକ। ଏହି ଆବଶ୍ୟକତା ପୂରଣ ପାଇଁ ଜିଲାସ୍ତରୀୟ ଦକ୍ଷତା ବୃଦ୍ଧି ଶିବିରରେ ଗୁରୁତ୍ୱାରୋପ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରାଣୀ ବିଭାଗ ପକ୍ଷରୁ ତିହିଡ଼ିସ୍ଥିତ ମନ୍ଦୋଦରୀ କଲ୍ୟାଣ ମଣ୍ଡପରେ ୩ଦିନିଆ ଦକ୍ଷତା ବୃଦ୍ଧି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷୀକେଶ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲାରେ ଦୈନିକ ମୋଟ ୪ ଲକ୍ଷ ଅଣ୍ଡାର ଆବଶ୍ୟକତା ଥିବାବେଳେ ୩ ଲକ୍ଷ ଉତ୍ପାଦନ ହେଉଛି। ୧ ଲକ୍ଷ ଅଣ୍ଡାର ଆବଶ୍ୟକତା ପୂରଣ ପାଇଁ କୁକୁଡ଼ା ଚାଷୀମାନେ ଅଧିକ ଯତ୍ନଶୀଳ ହେବାକୁ ପରାମର୍ଶ ଦିଆଯାଇଛି। ଏହାବ୍ୟତୀତ କୁକୁଡ଼ା ପାଳନ ଦିଗରେ ଅଧିକ ଚାଷୀ କିପରି ମନୋନିବେଶ କରିବେ, ସେ ଦିଗରେ




ଶିବିରରେ ପ୍ରାଣୀ ଚିକିତ୍ସାଧିକାରୀ ତାଲିମ ଦେଉଛନ୍ତି।

ମଧ୍ୟ ଉଦ୍ୟମ କରାଯିବ ବୋଲି ଶିବିରରେ କୁହାଯାଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ମୋଟ ୨୦ଜଣ କୁକୁଡ଼ା ଚାଷୀ ଶିବିରରେ ଯୋଗ ଦେଇଥିଲେ। ସେମାନଙ୍କୁ ଅଣ୍ଡାର ଉପାଦେୟତା, ଉତ୍ପାଦନ, କୁକୁଡ଼ା ପାଳନର କୌଶଳ ଓ ସରକାରୀ ସହାୟତା ଉପରେ ସୂଚନା ଦିଆଯାଇଥିଲା। ଅନ୍ତିମ ଦିନରେ ଚାଷୀମାନଙ୍କୁ ଜିଲାରେ ଥିବା ଅଗ୍ରଣୀ କୁକୁଡ଼ା ଫାର୍ମକୁ ପରିଦର୍ଶନରେ ନିଆଯାଇଥିଲା।

ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ତରୁଣ କୁମାର ମଲ୍ଲିକ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁନୀଲ କୁମାର ଭୂୟାଁ ଓ ଚାନ୍ଦବାଲି ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ସତ୍ୟଜିତ ସାହୁ ଯୋଗଦେଇ କୁକୁଡ଼ା ପାଳନ ଉପରେ ଚାଷୀମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ତିହିଡ଼ି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା ଶିବିର ପରିଚାଳନା କରିଥିଲେ। ପ୍ରାଣୀ ଚିକିତ୍ସକ ଡା. ଶୁଭମ୍ କୁମାର ସାହୁ, ପ୍ରାଣୀଧନ ନିରୀକ୍ଷକ ଅନିରୁଦ୍ଧ ନାୟକ, ସଞ୍ଜୀବ କୁମାର ବାରିକ, ସତ୍ୟାନନ୍ଦ କବାଟ, ପ୍ରଭାତ ସେଠୀ, ସଦାନନ୍ଦ ମଲିକ, ପୀତବାସ ପଣ୍ଡା, ପ୍ରମୋଦ ମହାନ୍ତି, ପ୍ରଭାକର ପଲାଇ ପ୍ରମୁଖ ସହଯୋଗ କରିଥିଲେ।

## ୨୬୧ଜଣଙ୍କୁ ମିଳିବ ପ୍ରମାଣପତ୍ର

### ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭଦ୍ରକ,୯।୧(ସନାତନ ରାଉତ)

ଭଦ୍ରକ ଜିଲା ସ୍କୁଲ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୨୩ ଜଣ ପଞ୍ଜୀକରଣ କରିଥିବା ବେଳେ ୨୬୧ ଜଣ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶାରୀରିକ ଭିନ୍ନକ୍ଷମ, ମାନସିକ ଅନଗ୍ରସର, ଚକ୍ଷୁବାଧିତ, ବାଣୀବାଧିତ ଆଦି ବିଭିନ୍ନ ପ୍ରକାର ଭିନ୍ନକ୍ଷମ ଶିଶୁଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠମାନେ ନାମ ପଞ୍ଜୀକରଣ କରି ଡାକ୍ତରୀ ପରୀକ୍ଷା କରାଇଥିଲେ। ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ବିଶ୍ୱଜିତ୍ ରାୟ, ଚକ୍ଷୁ ବିଶେଷଜ୍ଞ ଡା. ସନ୍ତୋଷ କୁମାର ସିଂ, ଶିଶୁ ବିଶେଷଜ୍ଞ ଡା. ଉମେଶ ଚନ୍ଦ୍ର ଜେନା, ନାସା, କର୍ଣ୍ଣ ଓ ଗଳା ବିଭାଗ ଡା. ମାନସ ରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତରମାନେ ପରୀକ୍ଷା କରିଥିଲେ। ଭଦ୍ରକ ବ୍ଲକ ଅଧ୍ୟକ୍ଷ ଉର୍ମିଳା ନାୟକ, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ୍, ବିଡିଓ ସୀତାକାନ୍ତ ରାଉତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟଜିତ୍ ବେହେରା, କନିଷ୍ଠ କିରାଣୀ ବିଶ୍ୱମୋହନ ମଲିକ ପ୍ରମୁଖ ପଞ୍ଜୀକରଣ ଓ ପରିଚାଳନାରେ ସହଯୋଗ କରିଥିଲେ।

## ଗୋପୀନାଥପୁର ଜୀଉ ଉ.ପ୍ରା.ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଜଣେ କୃତୀ ଛାତ୍ରୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଆଗରପଡ଼ା,୯।୧(ସୁଶାନ୍ତ ଦାଶ)

ବନ୍ତ ବ୍ଲକର ଗୋପୀନାଥପୁର ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ପିଲାମାନଙ୍କୁ ଗଢ଼ି ତୋଳିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଅଭିଭାବକଙ୍କର ମଧ୍ୟ ଦାୟିତ୍ୱ ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ ଭାବେ ଗଢ଼ି ତୋଳିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ମୃତକଙ୍କ ପରିବାରକୁ ମିଳୁନି ସରକାରୀ ସହାୟତା

### ଅଫିସ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି

ବନ୍ତ,୯।୧(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଅଧୀନ ନିଳୋକ ପଞ୍ଚାୟତ ବେଗନା ଗ୍ରାମରେ ସାପ କାମୁଡ଼ାରେ ମୃତ ମହିଳାଙ୍କ ପରିବାରକୁ ୪ ମାସ ବିତି ଯାଇଥିଲେ ମଧ୍ୟ ସରକାରୀ ସହାୟତା ମିଳୁ ନ ଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ବେଗନା ଗ୍ରାମର ଜଳଧର ନାୟକଙ୍କ ସ୍ତ୍ରୀ ପୂର୍ଣ୍ଣିମା ନାୟକ(୪୨)। ୨୦୨୪ ଅଗଷ୍ଟ ୧୯ରେ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର ୧୫ ଦିନ ପରେ ତାଙ୍କ ସ୍ୱାମୀ ଜଳଧର ସରକାରୀ ସହାୟତା ପାଇବା ନେଇ ସମସ୍ତ ପ୍ରମାଣପତ୍ର ସହ ତହସିଲରେ ଆବେଦନ କରିଥିଲେ। ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ତଦନ୍ତ କରାଯାଇ ତହସିଲକୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ହେଲେ ଏହାମଧ୍ୟରେ ୪ମାସ ବିତି ଯାଇଥିଲେ ମଧ୍ୟ ତାଙ୍କ ପରିବାରକୁ ଏପର୍ଯ୍ୟନ୍ତ ସରକାରୀ ସହାୟତା ମିଳିପାରି ନାହିଁ। ଏନେଇ ପରିବାର ଲୋକେ ବାରମ୍ବାର ଅଫିସ୍‌କୁ ଦୌଡ଼ି ନୟାନ୍ତ ହେଲେଣି। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବେ ବୋଲି ଜଳଧର କହିଛନ୍ତି। ଏ ସମ୍ପର୍କରେ ଛୟାଳସିଂହ ରାଜସ୍ୱ ନିରୀକ୍ଷକ ଗୁରୁବାରୀ ହେମ୍ବ୍ରମଙ୍କୁ ପଚାରିବାରୁ ସେ ତହସିଲରେ ରିପୋର୍ଟ ପ୍ରଦାନ କରିସାରିଥିବା କହିଥିଲେ। ତହସିଲଦାର ସାରା ହେମ୍ବ୍ରମଙ୍କୁ ପଚାରିବାରୁ ସେ ଫାଇଲ ଦେଖି କହିବେ ବୋଲି କହିଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମୃତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସାହିତ୍ୟିକଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

ଭଦ୍ରକ,୯।୧(ରବିନାରାୟଣ ଖିଲାର)

ଭଦ୍ରକ ସାହିତ୍ୟ ପରିଷଦର ଦିବଂଗତ ବରିଷ୍ଠ ସଦସ୍ୟ, ସାହିତ୍ୟିକ ଡ. ଅମୂଲ୍ୟ କୁମାର ବେହେରାଙ୍କ ଏକାଦଶାହ ଅବସରରେ ପରିଷଦ ପକ୍ଷରୁ ସାବିତ୍ରୀ ସଦନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଡ.ରାଧାରାଣୀ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଡ. ଗୋଲକ ବିହାରୀ ସାହୁ, ଡ. ମନୀନ୍ଦ୍ର ମହାନ୍ତି, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଭାତ ଜେନା, ଶାନ୍ତନୁ କୁମାର ରାଉତ, କଳାକାର ଗୌରାଙ୍ଗ ବାରିକ, ଲକ୍ଷ୍ମୀକାନ୍ତ ବାରିକ, କୈଳାସ ଚନ୍ଦ୍ର ଜେନା, କବି ରମେଶ ଦାସ, ନାଟ୍ୟଶ୍ରୀ ନିର୍ମଳ ରାଉତ, କବି ଗୌତମ ମହାରଣା, ଶରତ କୁମାର ନାୟକ, ଡ. ପ୍ରଭାତ ନଳିନୀ ମହାପାତ୍ର, କବୟିତ୍ରୀ ଗୀତାରାଣୀ ଆଇଚ, ଡ. ଉତ୍ପଳା ନାୟକ, ଦୀପ୍ତିମୟୀ ସାହୁ, ସରୋଜିନୀ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ବିଜୟ ବହଳୀ ସଞ୍ଚାଳନ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଆଗରପଡ଼ା,୯।୧(ସୁଶାନ୍ତ ଦାଶ)

ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ଆଗରପଡ଼ା ମୁଖ୍ୟ ବଜାର କମିଟିର ଉପଦେଷ୍ଟା ତଥା ବରିଷ୍ଠ କଂଗ୍ରେସ ନେତା ଗଙ୍ଗାଧର ପତି(୭୩)ଙ୍କ ମଙ୍ଗଳବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଆଗରପଡ଼ା ମୁଖ୍ୟ ବଜାରରେ ଥିବା ତାଙ୍କ ଦୋକାନ ବନ୍ଦ କରି ରାତିରେ ଘରକୁ ଯାଇଥିଲେ। ରାତି ପ୍ରାୟ ୧ଟା ୩୦ ସମୟରେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଗୋପୀନାଥପୁର ପଞ୍ଚାୟତରେ ଦୁଇଥର ସରପଞ୍ଚ ହୋଇଥିବା ବେଳେ ଆଗରପଡ଼ା କାଳୀପୂଜା କମିଟିର ସକ୍ରିୟ ସଦସ୍ୟ ଥିଲେ। ଅଞ୍ଚଳର ବହୁ ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ସୁନାମ ଅର୍ଜନ କରିଥିଲେ। ବହୁ ରାଜନେତା, ବ୍ୟବସାୟୀ, ବୁଦ୍ଧିଜୀବୀ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀରକୁ ଆଗରପଡ଼ା ବଜାର ପରିକ୍ରମା ସହ ବଜାରର ସମସ୍ତ ଦୋକାନ ୪ଘଣ୍ଟା ବନ୍ଦ ରଖାଯାଇଥିଲା।

## ଆର୍‌ଟିଓ ପକ୍ଷରୁ ଚଢ଼ାଉ: ୩.୮୫ ଲକ୍ଷର ଜରିମାନା

ସାବରଙ୍ଗ,୯।୧(କାଳୀପଦ ରାୟ)

ଭଦ୍ରକ ଜିଲା ସାବରଙ୍ଗ ଥାନା ଛକଠାରେ ଜିଲା ଆର୍‌ଟିଓ (ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ) ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ସଡ଼କ ସୁରକ୍ଷା ସପ୍ତାହ ଅଭିଯାନରେ ଜିଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ଏମ୍‌ଭିଆଇ ଏସ୍.କେ. ରହିମ୍, ଏଏସ୍‌ଆଇ ସସ୍ମିତା ନାୟକଙ୍କ ସହ ଆର୍‌ଟିଓ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ। ଚଢ଼ାଉ ବେଳେ ବିନା ହେଲ୍‌ମେଟ୍, ପ୍ରଦୂଷଣ ପ୍ରମାଣପତ୍ର, ଫିଟ୍‌ନେସ୍ ଓ ବିନା ଡ୍ରାଇଭିଂ ପ୍ରମାଣପତ୍ରରେ ଚାଳନା ଯୋଗୁ ବାଇକ୍, ଟ୍ରାକ୍ଟର ଓ କାର୍‌ଠାରୁ ୩.୮୫ ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି। ଏଥିସହ ଗୋଟିଏ ବାଇକ୍, ଟ୍ରାକ୍ଟର ଓ ଟାଟାଏସିଇ ଗାଡ଼ି ଜବତ ହୋଇଛି।

## ଏବେ ବି ବାହାରକୁ ଚାଲାଣ ହେଉଛି

### ଜିଲାରେ କିଣାଗଲାଣି ୩୫୫୬ କୁଇଣ୍ଟାଲ ଧାନ

ଭଦ୍ରକ,୯।୧(ସନାତନ ରାଉତ)

ଭଦ୍ରକ ଜିଲାରେ ଗତ ୫ ତାରିଖରୁ ସରକାରୀ ଧାନ ମଣ୍ଡି ଖୋଲିଛି। ଜିଲାର ଅଧିକାଂଶ ମଣ୍ଡି ଖୋଲି ସାରିଥିବା ବେଳେ ଏପର୍ଯ୍ୟନ୍ତ ୩୫୫୬ କୁଇଣ୍ଟାଲ ଧାନ ସରକାରୀ ଦରରେ କିଣା ଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଥିରୁ ମିଲରମାନଙ୍କୁ ୨୯୨୭ କୁଇଣ୍ଟାଲ ଧାନ ପ୍ରଦାନ କରାଯାଇଥିବା ବେଳେ ୬୨୯ କୁଇଣ୍ଟାଲ ମଣ୍ଡିରେ ମହଜୁଦ ରହିଛି। ମଣ୍ଡି ଖୋଲିବା ପରେ ମଧ୍ୟ ସମସ୍ତ ପଞ୍ଜୀକୃତ ଚାଷୀଙ୍କୁ ଧାନ ବିକିବାର ଟୋକନ ମିଳି ନ ଥିବାରୁ ଧାନକିଣାରେ ବିଳମ୍ବ ହେବାର ସମ୍ଭାବନା ରହିଛି। ଏହି କାରଣରୁ ଏବେ ବି ଚାଷୀମାନେ ବାହାର ବେପାରୀମାନଙ୍କୁ ଧାନ ବିକ୍ରି କରୁଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ଟ୍ରକ୍ ଧାନ ବାହାରକୁ ଚାଲାଣ ହେଉଛି।

## କେଶବ ଭାଜପାର ସାହାଡ଼ା ସୁନ୍ଦରୀ ମଣ୍ଡଳ ସଭାପତି

ତିହିଡ଼ି,୯।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ମିର୍ଜାପୁର ଗ୍ରାମର କେଶବ ବେହେରାଙ୍କୁ ଭାଜପାର ସାହାଡ଼ାସୁନ୍ଦରୀ ମଣ୍ଡଳ ସଭାପତି ଭାବେ ମନୋନୀତ କରାଯାଇଛି। ସେ ଜଣେ ଯୁବନେତା ଭାବେ ଦୀର୍ଘଦିନ ହେବ ଦଳରେ ସକ୍ରିୟ ରହି ସଙ୍ଗଠନକୁ ସୁଦୃଢ଼ କରିବାରେ ସକ୍ଷମ ହୋଇଛନ୍ତି। ଏହି ପଦବୀ ପାଇବା ପରେ ସେ ଦଳ ପାଇଁ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏଥିପାଇଁ ସେ ରାଜ୍ୟ ସଭାପତି ମନମୋହନ ସାମଲ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ବାସୁଦେବପୁର ନିର୍ବାଚନମଣ୍ଡଳୀ ନେତା ବାଣୀକଲ୍ୟାଣ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରଥମ ଦିନରେ ଭଦ୍ରକ, କଟକ ବିଜୟୀ

### ରାଜ୍ୟସ୍ତରୀୟ ମହାବୀର କପ୍ ଉଦ୍‌ଘାଟିତ

ଭଦ୍ରକ,୯।୧(ସନାତନ ରାଉତ)

ଭଦ୍ରକ ଚରମ୍ପା ରେଲୱେ ପଡ଼ିଆରେ ଗୁରୁବାର ରାଜ୍ୟସ୍ତରୀୟ ୩ୟ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ୨ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ଭଦ୍ରକ ଇଷ୍ଟକୋଷ୍ଟ ରେଲୱେ ଓ କଟକ ଜୁଭେନାଇଲ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ ଓ ବାଲେଶ୍ୱର ୟୁ ଆଣ୍ଡ ମି ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ଇଷ୍ଟକୋଷ୍ଟ ରେଲୱେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସଞ୍ଜୀବ ଚୌଧୁରୀଙ୍କ ୫୪ ବଲ୍‌ରେ ୯୦ ରନ୍ ସହାୟତାରେ ୯ ଉଇକେଟ୍ ହରାଇ ୧୪୭ ରନ୍ କରିଥିଲା। ୟୁ ଆଣ୍ଡ ମିର ପ୍ରାଣେନ୍ଦୁ ବେହେରା ୪ ଓଭରରେ




କଟକ ଜୁଭେନାଇଲ ଟିମ୍‌ର ରାମଚନ୍ଦ୍ର ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

୨୧ ରନ୍ ଦେଇ ୪ଟି ଉଇକେଟ୍ ନେଇଥିଲେ। ୟୁ ଆଣ୍ଡ ମି ୨୦ ଓଭରରେ ୯ ଉଇକେଟ୍ ହରାଇ ୧୩୯ ରନ୍ କରିଥିବା ବେଳେ ୮ ରନ୍‌ରେ ହାରିଥିଲା। ସଞ୍ଜୀବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ୍ ହରାଇ ୧୩୮ ରନ୍ କରିଥିଲା। କଟକ ଜୁଭେନାଇଲ ୧୭.୩ ଓଭରରେ ୪ ଉଇକେଟ୍ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୫୦ ଓ ସନ୍ଦୀପ ମହାପାତ୍ର ୪୯ ରନ୍ କରିଥିଲେ। ରାମଚନ୍ଦ୍ରଙ୍କୁ ତୋଶାଳି ସୁଜୁକିର ଅଭିଷେକ ସାମଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

# ଶିକ୍ଷକଙ୍କୁ ନିଲମ୍ବନ କଲେ ବିଇଓ

## ଜାଲ୍ ସାର୍ଟିଫିକେଟ ଦେଇ ଚାକିରି

ଖଇରା,୯।୧(ଉତ୍କଳବନ୍ଧୁ ପଣ୍ଡା): ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିବା ଅଭିଯୋଗରେ ବାଲେଶ୍ୱର ଜିଲା ଖଇରା ବ୍ଲକ କଲିହା ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତ ଶିକ୍ଷକ ଘନଶ୍ୟାମ ମାଝୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସାର୍ଟିଫିକେଟ ଯାଞ୍ଚ ପରେ ଖଇରା ବ୍ଲକ ବିଇଓ ଗଦାଧର ଦାସ ଜାନୁଆରୀ ୧ତାରିଖରେ ତାଙ୍କୁ ନିଲମ୍ବନ କରିଛନ୍ତି। ଶିକ୍ଷକ ମାଝୀ ୨୦୦୭ରେ ଚାକିରି ଆରମ୍ଭ କରିଥିବା ବେଳେ ୨୦୧୩ରେ ତାଙ୍କ ପଦବୀ ନିୟମିତ ହୋଇଥିଲା। ଏବେ ସେ କଲିହା ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତ ଥିବା ବେଳେ ଡେପୁଟେସନରେ ଭୋଗୁପୁର ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ାଉଥିଲେ। ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ନକଲ ମାଗିଥିଲେ। ମୂଳ ପ୍ରମାଣପତ୍ରରେ ସେ ଫେଲ୍ ହୋଇଥିବା ଏବଂ ଚାକିରି ପାଇଁ ନକଲି ସାର୍ଟିଫିକେଟ ଦେଇଥିବା ଜଣାପଡ଼ିଥିଲା। ଏବେ ଖଇରା ବ୍ଲକରେ ୪ ଜଣ ଶିକ୍ଷକ ଏହିଭଳି ଭାବେ ନକଲି ସାର୍ଟିଫିକେଟ ଦେଇ କାର୍ଯ୍ୟରେ ଥିବା ଅଭିଯୋଗ ହୋଇଛି। ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

# ଧାରଣାରେ ବସିଲେ ଗାଡ଼ି ମାଲିକ

ସୋର,୯।୧(ଜନ୍ମେଜୟ ମିଶ୍ର) : ବେଆଇନ ଭାବେ ଚାଲାଣ ହେଉଥିବା ବାଲିଗାଡ଼ିକୁ ଧରିବାରୁ ଏହାକୁ ବିରୋଧ କରି ସୋର ତହସିଲ ସମ୍ମୁଖରେ ଗାଡ଼ି ମାଲିକମାନେ ଧାରଣାରେ ବସିଛନ୍ତି। ଗୁରୁବାର ସକାଳେ ସୋର ତହସିଲଦାର ଶେଖ ସାଗିରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ଦୈତାରି ମଲିକ ଏକ ଟିମ୍ ସହ ବାଲେଶ୍ୱର ଅଭିମୁଖେ ଯାଉଥିବା ୬ଟି ବାଲି ବୋଝେଇ ହାଇୱା ଗାଡ଼ି ଅଟକ ରଖିଥିଲେ। ଏହାକୁ ବିରୋଧ କରି ବାଲେଶ୍ୱର ଜିଲା ହାଇୱା ଚାଳକ ମହାସଂଘର ସଭାପତି କାର୍ତ୍ତିକ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଭଦ୍ରକ ଜିଲା ସଭାପତି ସୁରେଶ ନାୟକ ଓ ଯାଜପୁର ଜିଲା ସଭାପତି ମାନସ ଧଳ ପ୍ରମୁଖ ଶତାଧିକ ଟ୍ରକ ଏବଂ ହାଇୱା ମାଲିକ ଧାରଣାରେ ବସିଛନ୍ତି।

# ବହୁମୁଖୀ ଗବେଷଣା ଉପରେ ଗୁରୁତ୍ୱ

ବାଲେଶ୍ୱର,୯।୧(ବାଞ୍ଛାନିଧି ଦେ)



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## 'କୋଷ୍ଟାଲ୍ ଡାଇନାମିକ୍ସ' ସମ୍ବନ୍ଧିତ ଅନ୍ତର୍ଜାତୀୟ ସମ୍ମିଳନୀ

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ 'କୋଷ୍ଟାଲ୍ ଡାଇନାମିକ୍ସ: ଭୂବିଜ୍ଞାନ, ଅର୍ଥନୀତି ଏବଂ ପରିବେଶ' ସମ୍ବନ୍ଧୀୟ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏଫ୍‌ଏମ୍‌ୟୁ ଜିଓଲୋଜି ବିଭାଗ, ଓଡ଼ିଶା ଜିଓ ସାଇଣ୍ଟିଷ୍ଟର ମିଳିତ ସହଯୋଗ ତଥା ଏସ୍‌ଇଆର୍‌ବି, ଡବ୍ଲୁସିଏସ୍ ଏବଂ ସିଏସ୍‌ଡିସିର ସହାୟତାରେ ତିନିଦିନ ବ୍ୟାପୀ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଉପକୂଳଗତ ଜୈବ ବିବିଧତା ତଥା ସାମ୍ପ୍ରତିକ ଗତିଶୀଳତା ସମ୍ବନ୍ଧରେ ଅବଗତ କରାଇଥିଲେ। ବିଶେଷଜ୍ଞ, ବିଦ୍ୱାନ ଏବଂ ଶିକ୍ଷାବିତ୍‌ମାନଙ୍କୁ ଦାୟିତ୍ୱବୋଧ ସହ ଗଭୀର ଅନୁସନ୍ଧାନ କାର୍ଯ୍ୟ, ଗବେଷଣାଗାର ଗୁଡ଼ିକର ବିସ୍ତାର ପାଇଁ ପରାମର୍ଶ ଦେଇ ବହୁମୁଖୀ ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ଏଫ୍‌ଏମ୍‌ୟୁର ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାସ, ସମ୍ମାନିତ ଅତିଥି ଭାବେ ମାଲେସିଆ ପେଟ୍ରୋନାସ୍ ଜିଓ ସାଇଣ୍ଟିଷ୍ଟ ଡ. ସତ୍ୟବ୍ରତ ନାୟକ, ଚେନ୍ନାଇସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଲକ୍ଷ୍ମଣ ଏଲାଙ୍ଗୋ ଯୋଗଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଜିଏସ୍‌ଆଇ ପୂର୍ବତନ ଡେପୁଟି ଡାଇରେକ୍ଟର ଜେନେରାଲ ଜୟନ୍ତ କୁମାର ନନ୍ଦ ଉପସ୍ଥିତ ଥିଲେ। ସମ୍ମିଳନୀର ସଂଯୋଜକ ଡ. ରୋଜାଲିନ ଦାସ, ଆସୋସିଏଟ୍ ପ୍ରଫେସର ହୋଡ୍ ଜିଓଲୋଜି, ଡ. ମନୋରଞ୍ଜନ ମହାନ୍ତି ଏହାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଭୂବିଜ୍ଞାନ ବିଭାଗର ଅଧ୍ୟାପିକାଅଧ୍ୟାପକ ଓ ଗବେଷକ ଛାତ୍ରୀଛାତ୍ରଙ୍କ ଦ୍ୱାରା ଲିଖିତ 'ଦି ବ୍ରିଦିଙ୍ଗ କୋଷ୍ଟ' ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ୧୧ ଗାଡ଼ି ଜବତ, ୨୧ ଅଟକ

## କାଉନସିଲରଙ୍କୁ ଆକ୍ରମଣ ପରେ ଆକ୍ସନ ମୋଡ୍‌ରେ ଉପଜିଲାପାଳ

ଜଳେଶ୍ୱର,୯।୧ (ରବିନାରାୟଣ ପାତ୍ର/ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ୨ନଂ. ୱାର୍ଡ କାଉନ୍‌ସିଲର ସୁରଜ ଚୌରାସିଆ ଓ କେତେଜଣ ଗ୍ରାମବାସୀଙ୍କୁ ବାଲି ଚୋରା ଚାଲାଣକାରୀମାନେ ସଂଘବଦ୍ଧ ଆକ୍ରମଣ କରିବା ଘଟଣା ପରେ ସ୍ଥାନୀୟ ଉପଜିଲାପାଳ ଅରବିନ୍ଦ ରାଜେଶିର୍କେ ଆକ୍ସନ ମୋଡ୍‌କୁ ଆସିଛନ୍ତି। ଜିଲା ଲଘୁ ଖଣି ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏନ୍‌ଏଚ୍-୬୦ ଜଳେଶ୍ୱର ଶେଖସରି ଏବଂ ଚାଲନ୍ତିରେ ଚଢ଼ାଉକରି ବେଆଇନ ଗଚ୍ଛିତ ବାଲି ପାହାଡ଼କୁ ସିଜ୍ କରିଛି। ଉକ୍ତ ବାଲି ଲିଜ୍ ପାଇଁ ମଧ୍ୟ ଟିମ୍ ପଦକ୍ଷେପ ନେଇଛି। ଏଥିସହ ବେଆଇନ ଲଘୁ ଖଣିଜ ପରିବହନ ବେଳେ ଚଢ଼ାଉକରି ୧୧ଟି ଗାଡ଼ି ଜବତ କରିଛି। ଏହି ଘଟଣାରେ ଜଳେଶ୍ୱର ପୋଲିସ ୨୧ ଜଣଙ୍କୁ ଅଟକ ରଖିଛି। ଜବତ ଗାଡ଼ି ମଧ୍ୟରେ ୨ଟି ବାଲି ବୋଝେଇ ହାଇୱା, ଗୋଟିଏ ଟିପ୍ପ ବୋଝେଇ ଡମ୍ପର, ଗୋଟିଏ ଟ୍ରାକ୍ଟର, ୬ଟି ମାଟି ବୋଝେଇ ଡମ୍ପର, ଗୋଟିଏ ଜେସିବି ରହିଛି। ଏ ବାବଦରେ ଜିଲା ଲଘୁ ଖଣିଜ ଅଧିକାରିଣୀ ସେଠୀଙ୍କୁ ପଚାରିବାରୁ ଜବତ ଗାଡ଼ି ଫାଇନ ଭରଣା ନ କଲେ କେସ୍ ରୁଜୁହେବ ବୋଲି କହିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଏପରି ଚଢ଼ାଉ କରିଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ, ଗତ ୭ତାରିଖରେ ବାଲି ଚୋରା ଚାଲାଣକାରୀମାନେ ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ସମ୍ମୁଖରେ କାଉନ୍‌ସିଲର ଚୌରାସିଆ ଓ କେତେଜଣ ଗ୍ରାମବାସୀଙ୍କୁ ମାଡ଼ମାରି ଆହତ କରିଥିଲେ। ଏ ସମ୍ପର୍କରେ ପୌରପାଳଙ୍କ ନେତୃତ୍ୱରେ ନିର୍ବାଚିତ ପ୍ରତିନିଧିମାନେ ଜିଲାପାଳ ଓ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଇମାମୀ ପକ୍ଷରୁ ଗଣଦୌଡ଼


ଗଣଦୌଡ଼ରେ ସାମିଲ କର୍ମକର୍ତ୍ତା।

ବାଲେଶ୍ୱର,୯।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀ ପେପର ମିଲ୍ସ କର୍ମଚାରୀଙ୍କ ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟଠାରୁ ଇମାମୀ ନଗର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ କର୍ମଚାରୀମାନେ ଗଣଦୌଡ଼ରେ ସାମିଲ ହୋଇଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କିତ 'ଟ୍ରାଫିକ୍ ନିୟମ ମାନି ଚଳିବା, ସୁରକ୍ଷିତ ଜୀବନ ଲାଭ କରିବା', 'ନିୟମ ମାନିବା ରାସ୍ତାରେ, ଜୀବନ ନ ଦେବା ଶସ୍ତାରେ', 'ଯେବେ ନ ମାନିବ ସୁରକ୍ଷା ଗାର, ଉଜୁଡ଼ିଯିବ ତ ଘର ସଂସାର', 'ସିଟ୍ ବେଲ୍ଟ ପିନ୍ଧି ଗାଡ଼ି ଚଳାଅ, ଦୁର୍ଘଟଣାରୁ ନିଜକୁ ବଞ୍ଚାଅ' ଆଦି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ମନ୍ଦିର ପରିସରରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ସ୍ଥାନୀୟ ପେପର ମିଲ୍ସର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ସମ୍ମାନିତ ଅତିଥି ସାଧାରଣ ପରିଚାଳକ ଡ. ୟୁସୁଫ୍ ଅଲି ସୋଲାଙ୍କି, ବରିଷ୍ଠ ସୁରକ୍ଷା ଅଧିକାରୀ ରଞ୍ଜିତ କୁମାର ଦାସ, ଏଜିଏମ୍ ତଥା ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ି, ଜିଲା ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରା ଯୋଗଦେଇ ଦ୍ରୁତଗତିରେ ଗାଡ଼ି ଚାଳନାରୁ ନିବୃତ୍ତ ରହିବା, ମୋବାଇଲ ବ୍ୟବହାର ବନ୍ଦ କରିବା, ସର୍ବଦା ହେଲମେଟ ପିନ୍ଧିବା ଓ ସିଟ୍ ବେଲ୍ଟ ପିନ୍ଧିବା ନିମନ୍ତେ ସଚେତନ କରାଇଥିଲେ।

# ସ୍ୱାମୀ ଛୁରାମାଡ଼ରେ ସ୍ତ୍ରୀ ଗୁରୁତର

ବାଲେଶ୍ୱର,୯।୧(ବାଞ୍ଛାନିଧି ଦେ)- ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଷ୍ଟେଶନ ଛକ ନିକଟରେ ଗୁରୁବାର ସ୍ୱାମୀଙ୍କ ଛୁରାମାଡ଼ରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆକ୍ରମଣ ପରେ ସ୍ୱାମୀ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ସୋର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଅଞ୍ଚଳର ଭରତ ମଲ୍ଲିକ ଖନ୍ତାପଡ଼ା ଥାନା ତାଳପଦା ଅଞ୍ଚଳର ଗୀତାଞ୍ଜଳିଙ୍କୁ ୧୦ ବର୍ଷ ପୂର୍ବେ ବିବାହ କରିଥିଲେ। ଏବେ ତାଙ୍କର ଜଣେ କନ୍ୟା ଓ ଜଣେ ପୁତ୍ର ଅଛନ୍ତି। ବିବାହର କିଛି ବର୍ଷ ପରେ ପାରିବାରିକ କଳହ ଦେଖାଦେଇଥିଲା। ସ୍ୱାମୀଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଗୀତାଞ୍ଜଳି କୋର୍ଟରେ ଡିଭୋର୍ସ ପାଇଁ ଆବେଦନ କରିଥିଲେ। ତେବେ ଭରତ ଗୁରୁବାର ଗୀତାଞ୍ଜଳିଙ୍କୁ ବାଲେଶ୍ୱର ଡାକି ଏକ ଧାରୁଆ ଛୁରିରେ ଗୀତାଞ୍ଜଳିଙ୍କୁ ଆକ୍ରମଣ କରିଥିଲେ। ସହଦେବଖୁଣ୍ଟା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା।

# ୪ ଜଣଙ୍କ ଘରୁ ଚୋରି

ନୀଳଗିରି,୯।୧(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି ଅନ୍ତର୍ଗତ ସନ୍ତରାଗଡ଼ିଆ ଅଞ୍ଚଳ ନୟାପାଟଣା ଏବଂ ବଉଳଗଡ଼ିଆ ଗ୍ରାମରେ ଗତ ବୁଧବାର ମଧ୍ୟରାତିରେ ୪ ଜଣଙ୍କ ଘରୁ ଚୋରି ହୋଇଛି। ବୁଧବାର ରାତିରେ ନୟାପାଟଣା ଗ୍ରାମର ରାମନାଥ ମହାରଣାଙ୍କ ଘରେ ଭଡ଼ାରେ ରହି ପାଥୋଲ୍ୟାବ୍ କରିଥିବା ମାର୍କୋଣା ଅଞ୍ଚଳର କମଳା ମହାରଣା ଏବଂ ଉକ୍ତ ଗ୍ରାମର ଭାଗବତ ରଣାଙ୍କ ଦୁଇପୁଅ ସୌଭାଗ୍ୟ ରଣା ଏବଂ ମାନସ ରଣା ଅନୁପସ୍ଥିତ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ସେମାନଙ୍କ ଘରର ତାଲାଭାଙ୍ଗି ସମସ୍ତ ସୁନାଅଳଙ୍କାର, ଦାମୀ ଆସବାବପତ୍ର ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ସେହି ରାତିରେ ବଉଳଗଡ଼ିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସଙ୍କ ଘରୁ ମଧ୍ୟ ଚୋରି ହୋଇଛି।

# ଭୂମିଜ ଭାଷା ଶିକ୍ଷକ ନିଯୁକ୍ତି ଦାବି

## ଆଦିବାସୀ ଭୂମିଜ ସମାଜ ପକ୍ଷରୁ ଦାବିପତ୍ର


ଆଦିବାସୀ ଭୂମିଜ ସମାଜ ପ୍ରତିନିଧିମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବାରିପଦା,୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ) ଆଦିବାସୀ ଭୂମିଜ ଜନଜାତିକୁ ସରକାରୀ ଅବହେଳା ଅଭିଯୋଗ ହୋଇଛି। ଓଡ଼ିଶାର ୧୫ଟି ଜନଜାତି ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲେ ମଧ୍ୟ ଭୂମିଜ ଜନଜାତିକୁ ବାଦ ଦିଆଯାଇଛି। ଏ ନେଇ ଭାରତୀୟ ଆଦିବାସୀ ଭୂମିଜ ସମାଜ ପକ୍ଷରୁ ରାଜ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ଦଳ ଜିଲାପାଳ ହେମକାନ୍ତ ସୟଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ, ୨୦୧୪ରେ ସରକାରଙ୍କ ଦ୍ୱାରା ଓଡ଼ିଶାରେ ବସବାସ କରୁଥିବା ସାନ୍ତାଳୀ, ମୁଣ୍ଡା, ମୁଣ୍ଡାରୀ, ହୋ, ବଣ୍ଡା ଇତ୍ୟାଦି ୨୧ପ୍ରକାର ଜନଜାତି ସମୁହଙ୍କ ପାଇଁ ବହୁଭାଷୀ (ଭାଷା ଶିକ୍ଷକ) ନିଯୁକ୍ତି କରାଯାଇଛି। ଭାରତୀୟ ଆଦିବାସୀ ଭୂମିଜ ସମାଜ ପକ୍ଷରୁ ବିଗତ ୨୦୧୬ ଠାରୁ ଭୂମିଜ ଭାଷା, ଶିକ୍ଷା, ସଂସ୍କୃତି ପରମ୍ପରା ଓ ଐତିହ୍ୟକୁ ସୁରକ୍ଷା ଏବଂ ଭୂମିଜ ଭାଷା ଶିକ୍ଷକ ନିଯୁକ୍ତି ନିମନ୍ତେ ବିଭିନ୍ନ ସମୟରେ ଓଡ଼ିଶା ସରକାରଙ୍କ ବିଭାଗୀୟ ଅଧିକାରୀ ତତ୍‌ସହିତ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିଲା। କିନ୍ତୁ ଗତ ଡିସେମ୍ବର ୨୭ ତାରିଖରେ ଓଡ଼ିଶାର ୧୫ଟି ଜନଜାତି ପାଇଁ ସେବକ/ସେବିକା, ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲେ ମଧ୍ୟ ଭୂମିଜ ଜନଜାତିକୁ ବାଦ ଦିଆଯାଇଛି। ରାଜ୍ୟ ସରକାରଙ୍କ ଏହି ପାତରଅନ୍ତର ନୀତିକୁ ଆଦିବାସୀ ଭୂମିଜ ସମାଜ ତରଫରୁ ନିନ୍ଦା କରାଯାଇଛି। ତୁରନ୍ତ ଭୂମିଜ ବା ମୁଣ୍ଡାରୀ ଜନଜାତିର ଭାଷା ଶିକ୍ଷକ ନିଯୁକ୍ତି ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରଞ୍ଜନ କୁମାର ସିଂ, ଦେବକୀ ସିଂ, ଜିତେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁଝର

# ବର୍ଷକରେ ଯାଇଛି ୩୯୩ ଜୀବନ

## ଜିଲାରେ ସଡ଼କ ଦୁର୍ଘଟଣା ଚିନ୍ତାଜନକ

କେନ୍ଦୁଝର,୯।୧(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ସଚେତନତା ସତ୍ତ୍ୱେ ଦୁର୍ଘଟଣାରେ ଲଗାମ ଲାଗିପାରୁନାହିଁ। ୨୦୨୪ରେ ଜିଲାରେ ୬୯୮ଟି ଦୁର୍ଘଟଣା ଘଟି ୩୯୩ ଜଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏହା ଜିଲା ପାଇଁ ଉଦ୍‌ବେଗଜନକ ବୋଲି ସାଧାରଣରେ ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ୨୦୨୪ ଜାନୁଆରୀଠାରୁ ଡିସେମ୍ବର ମଧ୍ୟରେ ୬୯୮ଟି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୩୯୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୦୩ ଜଣ ଆହତ ହୋଇଛନ୍ତି। ଏହି ସମୟ ମଧ୍ୟରେ ଯାଞ୍ଚ ବେଳେ ବିଭିନ୍ନ କାରଣରୁ ୧୭୮୪ ଜଣଙ୍କ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି। ମୋଟ ୪୬ ହଜାର ୯୦୪ଜଣଙ୍କଠାରୁ ଇ-ଚାଲାଣ କଟାଯାଇଛି। ଦ୍ରୁତ ଗତିରେ ଗାଡ଼ି ଚାଳନା ପାଇଁ ୬୯୯୧ଜଣ, ଓଭରଲୋଡ୍ ପରିବହନ ପାଇଁ ୩୨୯, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୧୦୬ ଗାଡ଼ିରୁ ଇ-ଚାଲାଣ କଟାଯାଇଛି। ମଦ ପିଇ ଗାଡ଼ି ଚାଳନାରେ ୨୫୯ ଜଣ ଗାଡ଼ି ଚାଳକ, ମୋବାଇଲରେ କଥା ହୋଇ ଚାଳନା ପାଇଁ ୩୧୬, ହେଲ୍‌ମେଟ୍ ନ ପିନ୍ଧି ଗାଡ଼ି ଚାଳନା ପାଇଁ ୧୯, ୪୨୨ ଏବଂ ଅନ୍ୟ କାରଣରୁ ୮୭୪ ଚାଳକଙ୍କ ଇ-ଚାଲାଣ କଟାଯାଇଛି ବୋଲି କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ କହିଛନ୍ତି। ଜିଲାରେ ଚିହ୍ନଟ ହୋଇଥିବା ମୋଟ ୧୪ଟି ବ୍ଲାକ୍ ସ୍ପଟ୍‌ରେ ୩୭ ଜଣ ମୃତ୍ୟୁବରଣ କରିଛନ୍ତି। ବ୍ଲାକ୍ ସ୍ପଟ୍ ସ୍ଥାନରେ ଦୁର୍ଘଟଣା ରୋକିବା ପାଇଁ ପଦକ୍ଷେପ ନିଆଯାଉଥିଲେ ହେଁ ବେପରୁଆ ଏବଂ ଦ୍ରୁତଗତିରେ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟୁଛି। ଏହା ବ୍ୟତୀତ ଜାତୀୟ ରାଜପଥଗୁଡ଼ିକ ମଧ୍ୟରେ ଅନେକ ସ୍ଥାନରେ ଖାଲ ହୋଇଯିବା ଓ ରାସ୍ତା ଦବିଯାଇଥିବାରୁ ଦୁର୍ଘଟଣା ଘଟୁଥିବା ବୁଦ୍ଧିଜୀବୀ ପ୍ରଦୀପ ମହାନ୍ତି କହିଛନ୍ତି। ଏବେ ଜାତୀୟ ସଡ଼କ ସୁରକ୍ଷା ମାସ ଚାଲିଥିବାରୁ ଜିଲାରେ ଆଞ୍ଚଳିକ ପରିବହନ ବିଭାଗ ଏବଂ ପୋଲିସ ବିଭାଗ ମିଳିତ ସହାୟତାରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ଗୋପାଳକୃଷ୍ଣ ଦାସ କହିଛନ୍ତି, ଦୁର୍ଘଟଣା ରୋକିବା ପାଇଁ ନିୟମିତ ଧରପଗଡ଼କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଆବଶ୍ୟକ ପଡ଼ିଲେ ଲାଇସେନ୍ସ, ପରମିଟ ରଦ୍ଦ କରିବା ଭଳି ପଦକ୍ଷେପ ଗ୍ରହଣ କରାଯାଉଛି।

# ଜାନୁଆରୀ ଶେଷ ସୁଦ୍ଧା ରାଶନ କେୱାଇସି ଜରୁରୀ

ଛେନାପଦି,୯।୧(ନିରାକାର ପରିଡ଼ା): ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ନ ହେବା ପାଇଁ ସରକାରୀସ୍ତରରେ କେୱାଇସି ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି। ଜାନୁଆରୀ ଶେଷ ସୁଦ୍ଧା କେୱାଇସି କରିବାକୁ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ମୋଟ ୧ ଲକ୍ଷ ୫୬ ହଜାର ୮୮ଜଣ ରାଶନ କାର୍ଡଧାରୀ ରହିଛନ୍ତି। ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୧ ହଜାର ୩୭୧ଟି କାର୍ଡ଼ କେୱାଇସି ହୋଇନାହିଁ। ଜାନୁଆରୀ ୩୧ ସୁଦ୍ଧା କେୱାଇସି ଅନ୍ତର୍ଭୁକ୍ତ ହେବା ଲାଗି ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିବା ହାଟଡ଼ିହୀ ବ୍ଲକ ଯୋଗାଣ ଅଧିକାରୀ ସତ୍ୟନାରାୟଣ ପଟ୍ଟନାୟକ କହିଛନ୍ତି।

# 'କ୍ରୀଡ଼ା ବୌଦ୍ଧିକ ବିକାଶ ଘଟାଏ'

ହାଟଡ଼ିହୀ/ବଉଳା,୯।୧(ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କଳିଙ୍ଗା କପିଳେଶର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଏବଂ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ପଲେଇଙ୍କ ସଂଯୋଜନାରେ ସ୍ଥାନୀୟ ସରପଞ୍ଚ ହେମଲତା ଜେନା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷକ ଶିଶିର ବିଶ୍ୱାଳ ଯୋଗଦେଇ କ୍ରୀଡ଼ା ଜୀବନର ଏକ ଅଙ୍ଗ ଏବଂ ଏହା ବୌଦ୍ଧିକ ବିକାଶ ଘଟାଇବା ସହ ଦେଶ, ବିଦେଶରେ ଜଣେ ସଫଳ କ୍ରୀଡ଼ାବିତ୍ ଭାବେ ଏକ ନୂତନ ପରିଚୟ ସୃଷ୍ଟି କରାଇ ଥାଏ ବୋଲି କରିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷକ ଅନିରୁଦ୍ଧ ସେଠୀ, ନବଘନ ନାୟକ କୃତୀ ପ୍ରତିଯୋଗିତାଙ୍କୁ ପୁରସ୍କୃତ କରିଥିଲେ। ମହିମାମୟୀ ପଲେଇ, ପରେଶ ପରିଡ଼ା, ସନ୍ଧ୍ୟାରାଣୀ ମହାରଣା, ଅର୍ଚ୍ଚମା ଅର୍ପିତା ପତି, ଦେବାଶିଷ ଜେନା, ସାଗର ଜେନା, ପ୍ରିୟଙ୍କା ସେନାପତି, ନିରାକାର ସେଠୀ, ପ୍ରମୋଦ ବେହେରା ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ, କିରାଣି ରବି ନାରାୟଣ ସେଠି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱମ୍ବର ମହାପାତ୍ର, ଅନିତା ସାହୁ ପ୍ରମୁଖ ବିଦ୍ୟାଳୟ କିମିଟି କର୍ମକର୍ତ୍ତା, ଗ୍ରାମବାସୀଙ୍କ ସମେତ ପଞ୍ଚଶଖା ଶିକ୍ଷା ସେତୁର ସଦସ୍ୟା, ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିମାନେ ଫିତାକାଟି କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

# ଭୀମକୁଣ୍ଡରେ ଉନ୍ନୟନ କାର୍ଯ୍ୟ ନିମ୍ନମାନର ଅଭିଯୋଗ

କେନ୍ଦୁଝର,୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡରେ ହେଉଥିବା ଉନ୍ନୟନ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ବୈତରଣୀ ପଥର ଶଯ୍ୟାର ଗଡ଼ି ଗଡ଼ି ଆସି ଏଠାରେ ଭୀମକାୟ ରୂପ ଦେଖାଇଛି। ତେବେ ଭୀମକୁଣ୍ଡ ଅଞ୍ଚଳରେ ଏବେ ପ୍ରବଳ ଭିଡ଼ ହେଉଛି। ପର୍ଯ୍ୟଟକ ଏଠାରେ ଶୌଚ ହେବାକୁ ବ୍ୟବସ୍ଥା ନ ଥିବାରୁ ବିରକ୍ତି ପ୍ରକାଶ କରୁଛନ୍ତି। ପ୍ରଶାସନ ତରଫରୁ କୌଣସି ଶୌଚାଳୟ ବ୍ୟବସ୍ଥା ନ କରି ପର୍ଯ୍ୟଟନ ସ୍ଥଳୀର ବିକାଶ ଲାଗି ସିମେଣ୍ଟ କାମ କରାଯାଉଛି। ତେବେ ଏହି ସବୁ କାମ କେତେ ଭାଗ ବାଲି ସିମେଣ୍ଟରେ ହେଉଛି ଯାଞ୍ଚ କରିବାକୁ ଏହାର ସାମ୍ପଲିଂ ଟେଷ୍ଟିଂ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି। ଏହାର ବିଧିବଦ୍ଧ ଭାବେ ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ଓ ପର୍ଯ୍ୟଟକମାନେ ମତ ରଖିଛନ୍ତି। କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ଦିଲୀପ ସାହୁ ଜିଲାପାଳ ଠିକ୍ କାମ ହେବାକୁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ସରପଞ୍ଚ, ସମିତି ସଭ୍ୟଙ୍କ ବିକ୍ଷୋଭ

## ଉନ୍ନୟନ କାର୍ଯ୍ୟରେ ଅଣଦେଖା ଅଭିଯୋଗ

ଢେଙ୍କିକୋଟ,୯।୧(ନୀଳମଣି ମଣ୍ଡଳ) କେନ୍ଦୁଝର ଜିଲା ଆଦିବାସୀ ବହୁଳ ଘଟଗାଁ ବ୍ଲକ୍‌ରେ ୬ ମାସରୁ ଊର୍ଦ୍ଧ୍ୱ ହେବ ଉନ୍ନୟନ ମୂଳକ କାର୍ଯ୍ୟ ହେଉନାହିଁ। ଏହାର ପ୍ରତିବାଦରେ ଗୁରୁବାର ଘଟଗାଁ ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକଙ୍କ ନେତୃତ୍ୱରେ ୨୭ ପଞ୍ଚାୟତରୁ ୨୨ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ୨ ଜୋନ୍‌ର ଜିଲା ପରିଷଦର ସଦସ୍ୟ ବ୍ଲକ୍ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୋଗ ମୁତାବକ, ବ୍ଲକ୍ ଓ ପଞ୍ଚାୟତସ୍ତରରେ ପ୍ରକଳ୍ପ କାମ ପଡ଼ିରହିଥିଲେ ସୁଦ୍ଧା ବ୍ଲକ୍ କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ପ୍ରକଳ୍ପ କାମ ପାଇଁ ନିର୍ବାଚିତ ପ୍ରତିନିଧିଙ୍କ ସାଙ୍ଗରେ ବ୍ଲକ୍ ପକ୍ଷରୁ ଆଲୋଚନା କରାଯାଉନାହିଁ। ଜେଇ, ଏଇଇ ମନଇଚ୍ଛା ନୂଆ ନୂଆ ପ୍ରକଳ୍ପର ଲେଆଉଟ ଦେଇ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରୁଛନ୍ତି। ୨୨ ସରପଞ୍ଚଙ୍କ ସମେତ ସମିତି ସଭ୍ୟା, ସଭ୍ୟ, ୨ ଜଣ ଜିଲା ପରିଷଦ ସଭ୍ୟା, ସଭ୍ୟଙ୍କ ପ୍ରତି ଅନ୍ୟାୟ ହେଉଛି। ପଞ୍ଚାୟତ ସମିତିରେ ସଂଖ୍ୟା ଗରିଷ୍ଠତା ଥିବା ସତ୍ତ୍ୱେ ଏଇଇ ଓ ଜେଇମାନେ ଅବହେଳା କରୁଥିବା ଅଧ୍ୟକ୍ଷା କହିଛନ୍ତି। ପରେ ବିଡିଓ ଭାଗବତ ମହାପାତ୍ର ସେମାନଙ୍କ ସହିତ ଆଲୋଚନା କରିଥିଲେ। ଏବେଠାରୁ ବିନା ଆଲୋଚନାରେ କିଛି କରାଯିବନି ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ୨୦ ଲିଟର ଦେଶୀମଦ ଜବତ

ପାଟଣା,୯।୧(ବୀରକିଶୋର ଦାଶ) କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ହିରାପଶି ଗ୍ରାମରେ ଗୁରୁବାର ତୁରୁମୁଙ୍ଗା ପୋଲିସ ଚଢ଼ାଉ କରି ୨୦ ଲିଟର ମହୁଲି ମଦ ଜବତ କରିଛି। ୨ କୁଇଣ୍ଟାଲ ମହୁଲି ପୋଚକୁ ନଷ୍ଟ କରିଛି। ଚଢ଼ାଉରେ ତୁରୁମୁଙ୍ଗା ଥାନା ଏସ୍‌ଆଇ ରସାନନ୍ଦ ନାୟକଙ୍କ ସହ ଏକ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ପୋଲିସ ୨ ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଖବର ପ୍ରକାଶ ପରେ ମିଳିଲା ଛତୁଆ

## ମାସକର ଛତୁଆ ନ ମିଳିବା ଘଟଣା

ଆନନ୍ଦପୁର,୯।୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନରେ ୨୨୮ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୪୭ କେନ୍ଦ୍ରରେ ୨୦୨୪ ନଭେମ୍ବରର ଛତୁଆ ମିଳି ନ ଥିଲା। ଏ ନେଇ ତରତରା, ଟାଙ୍ଗର, ଚମର୍ଦ୍ଦା, ମାଟିଆନେଣ୍ଡି, ପଣସଡିହା, ଗୟଳମୁଣ୍ଡା, ମନହରପୁରୁ, ବାଲିପଶୀ, ଷଡ଼ଙ୍ଗୀ, ଗୁଳାବନ୍ଧ କେନ୍ଦ୍ରର କର୍ମୀମାନେ ଅଭିଯୋଗ କରିଥିଲେ। ଗୁରୁବାର ଧରିତ୍ରୀ ଖବର କାଗଜରେ '୧୪୭ ଅଙ୍ଗନୱାଡ଼ିକୁ ମାସକର ଛତୁଆ ମିଳିନି' ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ଗୁରୁବାର ଉକ୍ତ କେନ୍ଦ୍ରଗୁଡ଼ିକୁ ଛତୁଆ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଆନନ୍ଦପୁର ବ୍ଲକ୍ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନ ୨୨୮ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ଜୟ ହନୁମାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦୁଦ୍ଗାଁ ପକ୍ଷରୁ ୮୧ ସେଣ୍ଟରକୁ ଛତୁଆ, ସୁଜି ଯୋଗାଇ ଦିଆଯାଉଛି। ସିଦ୍ଧିକେଶ୍ୱରୀ ମହିଳା ସ୍ୱୟଂ ସହାୟକ ଶାଳବଣି ଗ୍ରୁପ ଅଧୀନରେ ଥିବା ୧୪୭ ଗୋଟି ସେଣ୍ଟରକୁ ନଭେମ୍ବର ମାସର ଛତୁଆ ସୁଜି ଦିଆଯାଇ ନ ଥିଲା। ମାତ୍ର ଡିସେମ୍ବର ମାସର ଛତୁଆ ଦେଇ ଚୁପ୍‌ଚାପ୍ ବସିପଡ଼ିଥିଲେ। ଏ ନେଇ ଖବରପ୍ରସାରଣ ହୋଇଥିବା ଜାଣି ଶିଶୁ ବିକାଶ ମହିଳା ଅଧିକାରିଣୀ ମଞ୍ଜୁଲତା ସିଂଙ୍କ ତାଗିଦା ପରେ ସିଦ୍ଧିକେଶ୍ୱରୀ ଏସ୍‌ଏଚ୍‌ଜି ଶାଳବଣି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜାନୁଆରୀ ମାସରେ ଦେବା ପାଇଁ ପ୍ରସ୍ତୁତ ଛତୁଆ, ସୁଜି ୧୪୭ ଗୋଟି ସେଣ୍ଟରକୁ ଯୋଗାଇଥିବା ଜଣାପଡ଼ିଛି।

